# TEACH MAYURBHANJ 2018

ORGANISED BY:-
SCHOOL OF EDUCATION
(NORTH ORISSA UNIVERSITY)

RAM CHANDRA JENA
INTIGRATED B.Ed-M.Ed

# ବିଷୟ: କାହା ମୁଖ ଅନାଇ ବଞ୍ଚିବି

- ଭକ୍ତ ଚରଣ ଦାସ

ଶ୍ରେଣୀ- ନବମ
ଶ୍ରେଣୀ ଶିକ୍ଷକ- ରାମଚନ୍ଦ୍ର ଜେନା

# କବି ପରିଚୟ:-

ଭକ୍ତ ଚରଣ ଦାସ (୧୮ଶ ଶତାବ୍ଦୀ) ଖୋର୍ଦ୍ଧା ଜିଲ୍ଲାର ରାଜସୁନାଖଳା ନିକଟବର୍ତ୍ତୀ ସାନପଦର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପ୍ରଥମ ନାମ ଥିଲା ବୈରାଗୀ ଚରଣ ପଟ୍ଟନାୟକ । ବୈଷ୍ଣବ ଧର୍ମ ଦୀକ୍ଷା ନେବା ପରେ ସେ ଭକ୍ତ ଚରଣ ଦାସ ନାମରେ ପରିଚିତ ହେଲେ । ରୀତିଯୁଗର ଅନ୍ୟତମ ପ୍ରସିଦ୍ଧ ବୈଷ୍ଣବ କବି ଭାବରେ ଓଡ଼ିଶାରେ ସେ ପରିଚିତ । ସେ ଜଣେ ଭକ୍ତିଭାବାପନ୍ନ କବି ଥିଲେ । ସରଳ ଓ ପ୍ରାଞ୍ଜଳ ଅଭିବ୍ୟକ୍ତି ହିଁ ତାଙ୍କ ରଚନାର ବୈଶିଷ୍ଟ୍ୟ । 'ମନବୋଧ ଚଉତିଶା', 'କଳାକଳେବର ଚଉତିଶା', 'ଗୋପ ମଙ୍ଗଳ', 'ମନଃ ଶିକ୍ଷା' ଓ 'ମଥୁରା ମଙ୍ଗଳ' କବିଙ୍କର ଶ୍ରେଷ୍ଠ ରଚନାବଳି ।

ସଂକଳିତ ପଦ୍ୟାଂଶଟି କବିଙ୍କ ରଚିତ 'ମଥୁରା ମଙ୍ଗଳ'ର ଷଷ୍ଠ ଛାନ୍ଦରୁ ଗୃହୀତ । ଷଷ୍ଠ ଛାନ୍ଦଟିର କୋଡ଼ିଏଟି ପଦ ମଧ୍ୟରୁ ପ୍ରଥମ ଆଠୋଟି ପଦ ଏଥିରେ ଗ୍ରହଣ କରାଯାଇ 'କାହାମୁଖ ଅନାଇ ବଞ୍ଚିବି' ନାମକରଣ କରାଯାଇଛି । ଶ୍ରୀକୃଷ୍ଣ କଂସର ଧନୁ ଉତ୍ସବ ଦେଖିବାକୁ ମଥୁରାକୁ ଯିବାବେଳେ ଯଶୋଦାଙ୍କ ମାତୃହୃଦୟ ଆଶଙ୍କାରେ ବ୍ୟାକୁଳ ହୋଇ ଉଠିଛି । ସଂଶିତ କବିତାରେ ମାତୃ ହୃଦୟର ଗଭୀର ବାତ୍ସଲ୍ୟମମତା ଜୀବନ୍ତ ଭାବରେ ବର୍ଣ୍ଣିତ ।

ଶ୍ରେଣୀ- ନବମ
ଶ୍ରେଣୀ ଶିକ୍ଷକ- ରାମଚନ୍ଦ୍ର ଜେନା

# କବିତା...

(ରାଗ - ବରାଡ଼ି, ବାହୁଡ଼ା ବସନ୍ତ ବୃତ୍ତ)

ଆରେ ବାବୁ ଶ୍ୟାମଘନ ତୁ ଗଲେ ମଧୁଭୁବନ
କାହା ମୁଖ ଅନାଇ ବଞ୍ଚିବି
ହେବ ଦଶଦିଗ ଶୂନ୍ୟ ଅଥିର ହେବ ଜୀବନ
ନିଶି ଦିବସରେ ଝୁରୁଥିବି ରେ ଜୀବଧନ ।
ଜୀବନ ବିହୁନେ ଯେହ୍ନେ ଝଷ ।
ରାଜା ବିନେ ଯେହ୍ନେ ଗ୍ରାମ ଦେଶ ରେ । ୧ ।

ଶ୍ରେଣୀ- ନବମ
ଶ୍ରେଣୀ ଶିକ୍ଷକ- ରାମଚନ୍ଦ୍ର ଜେନା

# କଠିନ ଶବ୍ଦ ଆଲୋଚନା..

**ସୂଚନା :**

ଶ୍ୟାମଘନ – କଳାମେଘ, ଶ୍ରୀକୃଷ୍ଣ

ମଧୁଭୁବନ – ମଥୁରା

ଦଶଦିଗ – ଉତ୍ତର, ଦକ୍ଷିଣ, ପୂର୍ବ, ପଶ୍ଚିମ, ଅଗ୍ନି, ବାୟୁ, ଈଶାନ, ନୈଋତ, ଊର୍ଦ୍ଧ୍ୱ ଓ ଅଧଃ – ଏହି ଦଶଟି ଦିଗ ।

ଜୀବନ – ଜଳ

କୋଟି – କୋଟିଏ ସଂଖ୍ୟା

ନିଧି – ସମ୍ପତ୍ତି

ବିହି – ବିଧାତା

ଭାସ୍କର – ସୂର୍ଯ୍ୟ

ଦିବାକର – ସୂର୍ଯ୍ୟ

ଉତ୍ପଳ – ପଦ୍ମ,

ଅବିରଳ – ନିରବଚ୍ଛିନ୍ନ ଭାବରେ

ମକରନ୍ଦ – ପୁଷ୍ପମଧୁ, ଫୁଲର ମହୁ

ସୌରଭ – ବାସ୍ନା

ତାମରସ – ପଦ୍ମ

ବିଧାତା-ବରେ – ଭଗବାନଙ୍କ ଆଶୀର୍ବାଦରେ

ଲଗ୍ନ – ଲାଗିବା, ଯୋଡ଼ିହେବା, ଯୁକ୍ତ

ସଦ୍ମ – ମିଳନ ସ୍ଥଳ, ଘର

ନିଗୂଢ଼ – ଗଭୀର, ରହସ୍ୟାଚ୍ଛନ୍ନ

ସାଇଁ – ସ୍ୱାମୀ, ପ୍ରଭୁ

ଲାବଣ୍ୟ – ସୌନ୍ଦର୍ଯ୍ୟ

ତନୁ – ଶରୀର

ସରସୀ – ପୋଖରୀ

ରଶ୍ମି – କିରଣ

ପୀୟୂଷ – ଅମୃତ

ଶିରୀ – ସୌନ୍ଦର୍ଯ୍ୟ

ମତ୍ତ – ପାଗଳ

ମଧୁପ – ଭ୍ରମର

ସମ୍ବଳ – ଆଶ୍ରୟ, ପୁଞ୍ଜି

ବିମଳ – ନିର୍ମଳ

ଯୋଗ – ସଂପର୍କ

କଳୁଷ – ପାପ

ସୁଦଶା – ସୌଭାଗ୍ୟ

ଶ୍ରେଣୀ- ନବମ
ଶ୍ରେଣୀ ଶିକ୍ଷକ- ରାମଚନ୍ଦ୍ର ଜେନା

# ବିଷୟ ପଦ୍ମ

● ମଧୁସୂଦନ ରାଓ

ଶ୍ରେଣୀ- ନବମ
ଶ୍ରେଣୀ ଶିକ୍ଷକ- ରାମଚନ୍ଦ୍ର ଜେନା

# କବି ପରିଚୟ:-

ମଧୁସୂଦନ ରାଓ (୧୮୫୩-୧୯୧୨) ଥିଲେ ଆଧୁନିକ ଓଡ଼ିଆ ସାହିତ୍ୟର ଅନ୍ୟତମ ସ୍ରଷ୍ଟା । ଗୀତିକବିତା, ପ୍ରବନ୍ଧ, ଅନୁବାଦ, ଶିଶୁ ସାହିତ୍ୟର ରଚୟିତା ଭାବରେ ସେ ବିଶେଷ ସମ୍ମାନାସ୍ପଦ । ବ୍ରାହ୍ମଧର୍ମ ଗ୍ରହଣ ପରେ ତାଙ୍କ କବିତାର ଆତ୍ମିକ ବିଭବରେ ପରିବର୍ତ୍ତନ ଲକ୍ଷ୍ୟ କରାଗଲେ ମଧ୍ୟ ଉପନିଷଦୀୟ ଭାବଧାରା ତାହା ଭିତରେ ଉପଲବ୍ଧ କରିହୁଏ । ଓଡ଼ିଆ ପ୍ରବନ୍ଧ ଓ ଶିଶୁ ସାହିତ୍ୟକୁ ତାଙ୍କର ଅବଦାନ ଅତୁଳନୀୟ । ଈଶ୍ୱର ଭକ୍ତି, ରହସ୍ୟବାଦୀ ଚିନ୍ତାଧାରା ଓ ସର୍ବୋପରି ଜୀବନବାଦୀ ଭାବଧାରା ତାଙ୍କ କବିତାଗୁଡ଼ିକୁ ଚିରନ୍ତନ ମୂଲ୍ୟବୋଧରେ ଋଦ୍ଧିମନ୍ତ କରିଛି । 'କବିତାବଳୀ', 'ଛାନ୍ଦମାଳା', 'କୁସୁମାଞ୍ଜଳି', 'ବସନ୍ତ ଗାଥା', 'ପ୍ରବନ୍ଧମାଳା', 'ବର୍ଣ୍ଣବୋଧ' ଆଦି କୃତି ଓଡ଼ିଆ ସାହିତ୍ୟକୁ ତାଙ୍କର ଅମୂଲ୍ୟ ଅବଦାନ ।

'ପଦ୍ମ' କବିତାଟିରେ ସୌନ୍ଦର୍ଯ୍ୟବୋଧ ସହିତ ଈଶ୍ୱରାନୁଭୂତି ସମ୍ମିଶ୍ରିତ । ମଣିଷପାଇଁ ଏହା ଏକ ଉତ୍ତରଣର ମାର୍ଗ ପ୍ରଦର୍ଶନ କରିପାରିଅଛି । କବିତାଟି 'ଛାନ୍ଦମାଳା'ର ଅନ୍ତର୍ଗତ ।

ଶ୍ରେଣୀ- ନବମ
ଶ୍ରେଣୀ ଶିକ୍ଷକ- ରାମଚନ୍ଦ୍ର ଜେନା

# କବିତା...

୧

କୋଟି ଲାବଣ୍ୟନିଧି ରେ ପଦ୍ମ ତୁହି,
କି ଅମୃତେ ତୋ'ତନୁ ଗଢ଼ିଲା ବିହି ।
ତୋ' ରୂପ-ଦରଶନେ ମୋ'ର ହୃଦୟ,
ପୁଣ୍ୟ ଆନନ୍ଦେ ହୁଏ ଅମୃତ ମୟ ।

୨

ଢଳ ଢଳ ସୁନୀଳ ସରସୀ ଜଳ,
ଢଳ ଢଳ ଶ୍ୟାମଳ ନଳିନୀ ଦଳ,
ଢଳ ଢଳ ଭାସ୍କର- ରଶ୍ମି ଉଜ୍ଜ୍ୱଳ,
ତା' ମଧ୍ୟେ ଢଳ ଢଳ ତୁହି କମଳ ।

ଶ୍ରେଣୀ- ନବମ
ଶ୍ରେଣୀ ଶିକ୍ଷକ- ରାମଚନ୍ଦ୍ର ଜେନା

# THANK YOU